# ଗ୍ରାମୀଣ କୃଷି ମୌସମ ସେବା
## ଭାରତ ପାଣିପାଗ ବିଭାଗ
## ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
## ଆଞ୍ଚଳିକ ଗବେଷଣା ଓ ବୈଷୟିକ ପ୍ରସାରଣ କେନ୍ଦ୍ର,ଚିପିଲିମା

ସଂଖ୍ୟା – ୨୫ (ଓଡ଼ିଆ ବୁଲେଟିନ୍) ସପ୍ତାହ – ୧୩ ତାରିଖ: ୨୭.୦୩.୨୦୨୬


## ଜିଲ୍ଲା – ବରଗଡ଼

### ଆସନ୍ତା ପାଞ୍ଚ ଦିନର ପାଣିପାଗ ପୂର୍ବାନୁମାନ

| ପାଣିପାଗ କାରକ | ୨୮-୦୩-୨୦୨୬ | ୨୯-୦୩-୨୦୨୬ | ୩୦-୦୩-୨୦୨୬ | ୩୧-୦୩-୨୦୨୬ | ୦୧-୦୪-୨୦୨୬ |
|---|---|---|---|---|---|
| ବୃଷ୍ଟିପାତ (ମିଲି ମିଟର) | 3 | 0 | 0 | 0 | 0 |
| ସର୍ବାଧିକ ତାପମାତ୍ରା (° ସେଣ୍ଟିଗ୍ରେଡ) | 37 | 38 | 38 | 37 | 37 |
| ସର୍ବନିମ୍ନ ତାପମାତ୍ରା (° ସେଣ୍ଟିଗ୍ରେଡ) | 22 | 22 | 22 | 22 | 21 |
| ମେଘ ଆବରଣ(ଓକଟା) | 3 | 0 | 0 | 1 | 1 |
| ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା (ଶତକଡା %) | 53 | 54 | 55 | 54 | 57 |
| ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା (ଶତକଡା %) | 14 | 14 | 14 | 14 | 16 |
| ପବନର ବେଗ (କିମି/ଘଣ୍ଟା ପ୍ରତି) | 4 | 3 | 4 | 5 | 9 |
| ପବନର ଦିଗ (ଡିଗ୍ରୀ) | 117 | 27 | 135 | 164 | 261 |

ଅଧିକ ଜାଣିବା ପାଇଁ, ଭାରତୀୟ ପାଣିପାଗ ବିଭାଗ, ଭୁବନେଶ୍ୱର, ଟେଲିଫୋନ# ୦୬୭୪-୨୫୯୬୧୧୬ରେ ଯୋଗାଯୋଗ କରନ୍ତୁ

### ପାଣିପାଗ ସାରାଂଶ/ସତର୍କ ସୂଚନା :

ଭାରତ ପାଣିପାଗ ବିଜ୍ଞାନ ବିଭାଗ, ମୌସମ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱରର ମଧ୍ୟମ ଅବଧି ପୂର୍ବାନୁମାନ ଅନୁଯାୟୀ, ଆସନ୍ତା ସପ୍ତାହର ପ୍ରଥମ ଦିନ ଜିଲ୍ଲାର କିଛିଟା ସ୍ଥାନରେ ଅତି ହାଲୁକା ରୁ ହାଲୁକା ବର୍ଷା ହେବାର ସମ୍ଭାବନା ବନିପାରେ ଓ ତା'ପରେ ପାଗ ମୁଖ୍ୟତଃ ସୁଖିଲା ରହିପାରେ । ଏହି ସମୟ ଅବଧିରେ ଆକାଶ ପ୍ରଥମେ ଆଂଶିକ ମେଘାଚ୍ଛନ୍ନ ଓ ପରେ ସଫା ରୁ ମୁଖ୍ୟତଃ ସଫା ରହିପାରେ । ଆସନ୍ତା ସପ୍ତାହରେ ତାପମାତ୍ରାରେ ବିଶେଷ କିଛି ପରିବର୍ତ୍ତନ ଦେଖାଯିବାର ସମ୍ଭାବନା ନାହିଁ । ଆସନ୍ତା ୫ ଦିନ ମଧ୍ୟରେ ଆର୍ଦ୍ରତା ମଧ୍ୟମ ରହିବା ସହିତ ୩ ରୁ ୯ କି.ମି. ପ୍ରତି ଘଣ୍ଟା ବେଗରେ ଦକ୍ଷିଣ-ପୂର୍ବ, ଉତ୍ତର-ପୂର୍ବ ଓ ଦକ୍ଷିଣ-ପଶ୍ଚିମ ଦିଗରୁ ପବନ ବହିବାର ସମ୍ଭାବନା ବନିପାରେ ।

### ସାଧାରଣ ଉପଦେଶ

- ଆଜି ରୁ କାଲି ମଧ୍ୟରେ କିଛିଟା ସ୍ଥାନରେ ଘଡ଼ଘଡି ସହ ବର୍ଷା ହେବାର ସମ୍ଭାବନା ଦେଖାଯାଇପାରେ ଓ ତା'ପରେ ଶୁଖିଲା ପାଗ ଦେଖିବାକୁ ମିଳିପାରେ, ତେଣୁ ଚାଷୀଭାଇମାନଙ୍କୁ ସେହି ଅନୁସାରେ କୃଷି କାର୍ଯ୍ୟ କରିବାକୁ ତଥା ବାହାରେ ରଖା ହୋଇଥିବା ଫସଲକୁ ସୁରକ୍ଷିତ ଜାଗାରେ ରଖିବାକୁ ପରାମର୍ଶ ଦିଆଯାଇଅଛି ।
- ଯେଉଁ ଚାଷୀଭାଇମାନେ ଏପର୍ଯ୍ୟନ୍ତ ଗ୍ରୀଷ୍ମ ଋତୁର ପନିପରିବାଗୁଡ଼ିକର ବୁଣା ବୁଣି କାର୍ଯ୍ୟ ଆରମ୍ଭ କରିନାହାନ୍ତି ସେମାନେ ଯଥାଶୀଘ୍ର ଏହାର ବୁଣା ଆରମ୍ଭ କରିଦିଅନ୍ତୁ ।
- ଠିଆ ଫସଲ କ୍ଷେତରେ ଶୋଷକ କୀଟ ଓ ରୋଗର ଆକ୍ରମଣ ପ୍ରତି ସତର୍କ ରୁହନ୍ତୁ ଓ ଏହାର ନିୟମିତ ନିରୀକ୍ଷଣ କରୁଥାନ୍ତୁ ।
- ଆଗାମୀ ତାପମାତ୍ରାର ସ୍ଥିତିକୁ ଦୃଷ୍ଟିରେ ରଖି, ଚାଷୀଭାଇମାନେ ପଶୁଶାଳାରେ ଥଣ୍ଡା ପାନୀୟ ଜଳ ଏବଂ ଉପଯୁକ୍ତ ବାୟୁଚଳପ୍ରଚଳ ସୁନିଶ୍ଚିତ କରନ୍ତୁ ।

### ସଂକ୍ଷିପ୍ତ ଉପଦେଶ

- ଯଦି ସମ୍ଭବ ହୁଏ, ଚାଷୀଭାଇମାନେ ବଜ୍ରପାତ କିମ୍ବା ବିଜୁଳି ସୂଚନା ଏବଂ ସ୍ଥାନ ନିର୍ଦ୍ଦିଷ୍ଟ ପୂର୍ବାନୁମାନ ଓ ଚେତାବନୀ ପାଇଁ ଯଥାକ୍ରମେ ଦାମିନୀ ଏବଂ ମୌସମ ଆପ୍ ବ୍ୟବହାର କରନ୍ତୁ ।

### ପାଣିପାଗ ଭିତ୍ତିକ କୃଷିଏବଂ ପଶୁପାଳନ ଉପଦେଶ

| ଫସଲର ନାମ | ଫସଲ ଅବସ୍ଥା | କୃଷି ଏବଂ ପଶୁପାଳନ ପାଇଁ ପାଣିପାଗ ଭିତ୍ତିକ ପରାମର୍ଶ |
|---|---|---|
| ଡାଲୁଅ ଧାନ | ସକ୍ରିୟ ପିଲ ଅବସ୍ଥା | • ପ୍ରଚଳିତ ପାଗ ଯୋଗୁଁ ଯଦି ହଳଦିଆ କାଣ୍ଡ ବିନ୍ଧା ପୋକଙ୍କ ଆକ୍ରମଣ ବଢିବାର ଦେଖାଯାଏ ତେବେ ଏହାର ନିୟନ୍ତ୍ରଣ ପାଇଁ ଆଜାଡିରାକ୍ଟିନ୍ ୦.୧୫% ନିମ ବିହନ କର୍ଣ୍ଣେଲ ଆଧାରିତ ଇ.ସି. ଫର୍ମୁଲେସନ୍ @ ୮୦୦ ମିଲି/ଏକର କିମ୍ବା ମାଟିରେ କ୍ଲୋରାଣ୍ଟ୍ରାନିଲିପ୍ରୋଲ୍ ୦.୪% ଜି.ଆର. @ ୪ କିଲୋ/ଏକର କିମ୍ବା କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୪ ଜି. @ |

| | | |
|---|---|---|
| | | ୧୦ କିଲୋ/ଏକର ହିସାବରେ ୧:୧ ଅନୁପାତରେ ବାଲି ସହିତ ମିଶ୍ରଣ କରି କିମ୍ବା କ୍ଲୋରାଣ୍ଟ୍ରାନିଲିପ୍ରୋଲ୍ ୧୮.୫ % ଏସ୍.ସି. @ ୬୦ ମିଲି/ଏକର ହିସାବରେ ୨୦୦ ଲିଟର ପାଣିରେ ଦ୍ରବଣ ବନାଇ ସଫା ପାଗରେ ପବନର ଗତି ସ୍ଥିର ଥିବା ସମୟରେ ଏହାକୁ ପ୍ରୟୋଗ କରନ୍ତୁ ।<br>• କାଣ୍ଡ ବିନ୍ଧା ପୋକର ଅତ୍ୟଧିକ ଆକ୍ରମଣକୁ ଏଡାଇବା ପାଇଁ ଚାଷୀଭାଇମାନେ ନାଇଟ୍ରୋଜେନ ବା ୟୁରିଆ ସାରର ଅତ୍ୟଧିକ ବ୍ୟବହାରରୁ ଦୂରେଇ ରୁହନ୍ତୁ ଏବଂ ଯଦି ସମ୍ଭବ ହୁଏ, ଏହି ପୋକଙ୍କୁ ଧରିବା ପାଇଁ ଆଲୋକ ଫାଶ (ଲାଇଟ୍ ଟ୍ରାପ୍) ବ୍ୟବହାର କରନ୍ତୁ । |
| ଭେଣ୍ଡି | ବିହନ ବୁଣିବା / ଅଂଗିୟ ଅବସ୍ଥା | • ଆଗକୁ ବର୍ଷା ହେବାର ସମ୍ଭାବନାକୁ ଦେଖି କିମ୍ବା ଜଳସେଚନ ସୁବିଧା ଥିବା ସ୍ଥାନରେ ଚାଷୀମାନଙ୍କୁ ଭେଣ୍ଡି ଚାଷ ପାଇଁ ବିହନ ବୁଣିବା କାର୍ଯ୍ୟ ଆରମ୍ଭ କରିଦେବାକୁ ପରାମର୍ଶ ଦିଆଯାଉଛି ।<br>• ବିହନଗୁଡ଼ିକୁ ୧-୨ ସେମି ଗଭୀର ଓ ୪୫ × ୩୦ ସେ.ମି. ବ୍ୟବଧାନରେ ବୁଣନ୍ତୁ । ଗ୍ରୀଷ୍ମ ଋତୁରେ ଭଲ ଅଙ୍କୁରଣ ପାଇଁ ବୁଣିବା ପୂର୍ବରୁ ବିହନଗୁଡ଼ିକୁ ୬-୧୨ ଘଣ୍ଟା ପାଇଁ ପାଣିରେ ବୁଡାଇ ରଖନ୍ତୁ ।<br>• ଏବେ ପାଣିପାଗର ଯେଉଁ ସ୍ଥିତି ରହିଅଛି ତାହା ଅଂଗିୟ ଅବସ୍ଥାରେ ଥିବା ଭେଣ୍ଡି ଗଛରେ ଶୋଷକ କୀଟମାନଙ୍କ ପ୍ରାଦୁର୍ଭାବ ପାଇଁ ଅନୁକୁଳ ଅଟେ ତେଣୁ ଏହାର ନିୟମିତ ନିରୀକ୍ଷଣ କରନ୍ତୁ । |
| ଆମ୍ବ | ଫଳ ଅବସ୍ଥା | • ଆମ୍ବ ଗଛରେ ପାଉଁଶିଆ ରୋଗର (ପାଉଡରି ମିଲଡିଉ) ରୋଗର ନିୟନ୍ତ୍ରଣ ହେତୁ ଚାଷୀଭାଇମାନେ ୨ ଗ୍ରାମ ଘୁର୍ଣନଶିଳ ସଲଫରକୁ ପ୍ରତି ଲିଟର ପାଣିରେ ମିଶାଇ ୧୦ ରୁ ୧୫ ଦିନ ଅନ୍ତରାଳରେ ରୋଗର ଗମ୍ଭୀରତାକୁ ଦେଖି ପାଗ ସଫା ଥିବା ସମୟରେ ୨ ରୁ ୩ ଥର ସିଞ୍ଚନ କରନ୍ତୁ ।<br>• ଆମ୍ବ ସୋରିଷ କିମ୍ବା ମଟର ଦାନା ଆକାରର ଫଳ ଅବସ୍ଥାରେ, ଚାଷୀମାନେ ଆମ୍ବ ବଗିଚାରେ ମାଟିର ଆର୍ଦ୍ରତା ବଜାୟ ରଖିବାକୁ ରଖିବାକୁ ଏବଂ ଫଳ ଝଡିବା ହ୍ରାସ କରିବା ପାଇଁ ୧ ମିଲି ପ୍ଲାନୋଫିକ୍ସକୁ ପ୍ରତି ୪ ରୁ ୫ ଲିଟର ପାଣିରେ ମିଶାଇ ସିଞ୍ଚନ କରିବାକୁ ପରାମର୍ଶ ଦିଆଯାଇଅଛି ।<br>• ଯଦି ସମ୍ଭବ ହୁଏ ସିଞ୍ଚନ କାର୍ଯ୍ୟ କିଛି ଦିନ ପର୍ଯ୍ୟନ୍ତ ସ୍ଥଗିତ ରଖନ୍ତୁ କାରଣ ଆଜି ଠୁ କାଲି ମଧ୍ୟରେ ପବନର ଗତି ଅଧିକ ରହିବା ସହିତ କିଛି ପରିମାଣର ବର୍ଷା ହେବାର ଆଶା କରାଯାଉଛି । |
| ଲଙ୍କା | ଅଙ୍ଗିୟ ଅବସ୍ଥା, ଫୁଲ ଓ ଫଳ ବାହାରିବା ଅବସ୍ଥା | • ଶୋଷକ କୀଟ ଆକ୍ରମଣ ପ୍ରତି ନିୟମିତ ନିରୀକ୍ଷଣ କରିବାକୁ ପରାମର୍ଶ ଦିଆଯାଉଛି ।<br>• ଆଗକୁ ବର୍ଷା ଯୋଗୁଁ ଯଦି ଲଙ୍କା ଖେତରେ ଜଳ ଜମା ରୁହେ ତେବେ ତୁରନ୍ତ ଜଳ ନିଷ୍କାସନର ଉଚିତ ବ୍ୟବସ୍ଥା କରନ୍ତୁ ।<br>• ପ୍ରବଳ ପବନରୁ ଫସଲକୁ ରକ୍ଷା କରିବା ପାଇଁ ସେମାନଙ୍କୁ ଯାନ୍ତ୍ରିକ ସହାୟତା ପ୍ରଦାନ କରନ୍ତୁ ।<br>• ଯଦି ଲଙ୍କା ଫସଲରେ ଅଷ୍ଟପଦୀ ପୋକ (ମାଇଟ୍) ର ଆକ୍ରମଣ ଦେଖାଯାଏ, ତେବେ ଏହାର ନିୟନ୍ତ୍ରଣ ହେତୁ ଇଥିଅନ୍ ୫୦ ଇସି @ ୨ ରୁ ୩ ମିଲି କିମ୍ବା ପ୍ରୋପାଜାଇଟ୍ 57 ଇସି @ ୦.୬ ରୁ ୦.୮ ମିଲିକୁ ପ୍ରତି ଲିଟର ପାଣିରେ ମିଶାଇ ପାଗ ସଫା ଥିବା ସମୟରେ ସିଞ୍ଚନ କରିବାକୁ ପରାମର୍ଶ ଦିଆଯାଇଅଛି । |
| ତରଭୁଜ | ଫୁଲ ଓ ଫଳ ଅବସ୍ଥା | • ପର୍ଯ୍ୟାପ୍ତ ଜଳ ନିଷ୍କାସନ ସୁବିଧା କରନ୍ତୁ କାରଣ ଆଗକୁ ବର୍ଷା ହେବାର ସମ୍ଭାବନା ରହିଅଛି ।<br>• ଆଗକୁ ଆହୁରି ରୋଗ ସଂକ୍ରମଣକୁ ଏଡାଇବା ପାଇଁ ପ୍ରଭାବିତ ଫଳଗୁଡ଼ିକୁ କ୍ଷେତରୁ ବାହାର କରିଦିଅନ୍ତୁ ।<br>• ପରିପକ୍ୱ ଫଳଗୁଡ଼ିକୁ ଯଥାଶୀଘ୍ର ଅମଳ କରିନିଅନ୍ତୁ । |
| ପଶୁ ପାଳନ | • ପ୍ରଚଳିତ ଦିନର ତାପମାତ୍ରାର ସ୍ଥିତିକୁ ଧ୍ୟାନରେ ରଖି ପଶୁମାନଙ୍କୁ ଛାଇରେ ରଖନ୍ତୁ ଓ ଗୁହାଳ ଭିତରକୁ ଯେମିତି ପର୍ଯ୍ୟାପ୍ତ ବାୟୁ ପ୍ରବାହ ହେଇପାରିବ ତା'ର ବ୍ୟବସ୍ଥା କରନ୍ତୁ ଏବଂ ପଶୁମାନଙ୍କ ପାଇଁ ଥଣ୍ଡା, ପରିଷ୍କାର ପାନିୟ ଜଳର ଯୋଗାଣ ନିଶ୍ଚିତ କରନ୍ତୁ ।<br>• ବିଜୁଳି ଘଡ଼ଘଡ଼ି ସମୟରେ ପଶୁମାନଙ୍କର ଗତିବିଧିକୁ କମ କରନ୍ତୁ ଏବଂ ସୁରକ୍ଷିତ ଆଶ୍ରୟର ବ୍ୟବସ୍ଥା କରନ୍ତୁ । ଗଛ, ଧାତୁ ବାଡ଼ ଏବଂ ଅନ୍ୟ କୌଣସି ଧାତୁ ବଜ୍ରପାତକୁ ଆକର୍ଷିତ କରିପାରେ ତେଣୁ ପଶୁମାନଙ୍କୁ ଏହି ସବୁ ଜିନିଷଠୁ ଦୂରରେ ରଖନ୍ତୁ, ସେମାନଙ୍କୁ ଝରକା ଏବଂ ଦ୍ୱାରରୁ ଦୂରରେ ରଖନ୍ତୁ, ପଶୁମାନଙ୍କୁ ବାହାରେ ଖୋଲା ସ୍ଥାନରେ ବାନ୍ଧନ୍ତୁ ନାହିଁ ଏବଂ ସେମାନଙ୍କ ଆଶ୍ରୟସ୍ଥଳକୁ ବର୍ଷା ପାଣି ଯେମିତି ସିଧାସଳଖ ପ୍ରବେଶ ନ କରୁ ତା'ର ବ୍ୟବସ୍ଥା କରନ୍ତୁ । | |



| | |
|---|---|
| **Mrs. Jubuli Sahu**<br>**Junior Agrometeorologist,**<br>**AMFU, RRTTS, Chiplima** | **Dr. Sanjukta Mohapatra**<br>**ADR cum Nodal Officer**<br>**RRTTS, Chiplima** |



- କୃଷି ରେ ଉତ୍ତମ ଲାଭ ପାଇଁ, **OUAT KALINGA** ପ୍ରଡକ୍ଟସ (ବିହନ, ଚାରା ରୋପଣ ଓ କ୍ୟୁପିଏମ୍, ଟିସୁ କଲଚର ପ୍ଲାଣ୍ଟ, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ, ଫିଙ୍ଗରଲିଙ୍ଗ୍/ଇୟରଲିଙ୍ଗ୍, କୁକୁଡ଼ା ଛୁଆ, ମହୁମାଛି ଓ ୱୋନ୍, ଜୈବ ସାର, ଜୈବ କୀଟନାଶକ, ଜିଆ ଏବଂ ଜିଆ ଖତ ଇତ୍ୟାଦି) ବ୍ୟବହାର କରନ୍ତୁ।

- ଭାରତ ପାଣିପାଗ ବିଭାଗର ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ସ୍ଥିତିର କୃଷି ପାଣିପାଗ ପରାମର୍ଶଦାତା ପାଇଁ ମେଘଦୂତ ମୋବାଇଲ ଆପ (https://play.gooogle.com/store/apps/details?id=com.aas.meghdoot) ତଥା ନିଜ ଅଞ୍ଚଳର ବିଜୁଳି କିମ୍ବା ବଜ୍ରପାତ ପୂର୍ବାନୁମାନ ପାଇଁ ଦାମିନୀ ଆପ (https://play.google.com/store/apps/details?id=com.lightening.live.damini) ଓ ସ୍ଥାନ ନିର୍ଧିଷ୍ଟ ପୂର୍ବାନୁମାନ ଏବଂ ଚେତାବନୀ ପାଇଁ **ମୌସମ ଆପର ବ୍ୟବହାର କରିପାରିବେ।**